BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଆ ଆତ୍ମଚରିତର ଦିଗ ବିଦିଗ

**ଡ. ରବୀନ୍ଦ୍ର କୁମାର ପଣ୍ଡା**
ସହକାରୀ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ବ୍ରହ୍ମପୁର

BM2025/03-A005
RECEIVED : 28 DEC 2024
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025
ARTICLE QR CODE
DOI:10.70541/BAGEESHA/2025030305
Article No. BM2025/03-A005
Category : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

ଆତ୍ମଜୀବନୀଗୁଡ଼ିକ ଦୀର୍ଘ ଦେଢ଼ଶହ ବର୍ଷର ଓଡ଼ିଶାର ସାଂସ୍କୃତିକ, ସାମାଜିକ ଧାରାକୁ ଲୋକଲୋଚନକୁ ଆଣିବାରେ ସହାୟ ହୋଇଛି। ବ୍ୟକ୍ତିବିଶେଷକୁ ପ୍ରେରିତ କରିବା ସହିତ ଗୋଟିଏ ଜାତିକୁ ଅତି ନିକଟରୁ ଚିହ୍ନିବା ପାଇଁ ଏହାର ଉପଯୋଗିତା ରହିଚି। ଓଡିଆ ସାହିତ୍ୟରେ ଏଯାବତ୍ ଦେଢ଼ଶହରୁ ଊର୍ଦ୍ଧ୍ୱ ଆତ୍ମଜୀବନୀ ପ୍ରକାଶ ଲାଭ କରିସାରିଛି। ଏ ମଧ୍ୟରୁ ଅନେକ ପ୍ରାଣସ୍ପର୍ଶୀ ନୁହେଁ। ଯେଉଁ ଆତ୍ମଚରିତ ଗୁଡ଼ିକ ଜାତି, ସମାଜ, ଗଠନରେ କୌଣସି ଭୂମିକା ନେଇପାରେ ନାହିଁ; ଯାହା ମନକୁ ଆନ୍ଦୋଳିତ କରିପାରେ ନାହିଁ; ତାହା ଆତ୍ମଚରିତ ପଦବାଚ୍ୟ ହୁଏନାହିଁ। ସେଗୁଡ଼ିକ ବିଶେଷତଃ ଆତ୍ମପ୍ରଚାର,ଆତ୍ମପ୍ରସାର ଓ ଆତ୍ମପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିବାପରି ମନେହୁଏ। ଆତ୍ମଜୀବନୀ, ସାହିତ୍ୟର ଏପରି ଏକ ବିଭାଗ ଯାହାର ଅନେକ ଗବେଷଣାତ୍ମକ ଦିଗ ରହିଛି। ଆତ୍ମଜୀବନୀ କେବଳ ଏକ ସାହିତ୍ୟିକ କଳାକର୍ମ ନୁହେଁ, ଏହା ମାଧ୍ୟମ ଦେଇ ଆମେ ଏକ ସମୟ ଖଣ୍ଡର ବିବିଧ ଦିଗ ପାଖରେ ପହଞ୍ଚିପାରିବା। ଉକ୍ତ ଆଲୋଚନାଟି ସେହି ବିବିଧ ଦିଗ ସମ୍ପର୍କିତ।

**ମୂଳଶବ୍ଦ:** ଆତ୍ମଜୀବନୀ, ସାଂସ୍କୃତିକ, ସାମାଜିକ ଧାରା, ଶୋଷଣମୁକ୍ତ, ସମାଜ ଓ ରାଜନୀତି, ଇତିହାସ, ଓଡ଼ିଆ ସାହିତ୍ୟ, ଜୀବନୀ ସାହିତ୍ୟ।

**ଉପକ୍ରମ:** ଆଧୁନିକ ଓଡିଆ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଆତ୍ମଚରିତର ସ୍ଥାନ ସ୍ୱତନ୍ତ୍ର। ଦୀର୍ଘ ଦେଢ଼ଶହ ବର୍ଷର ଓଡ଼ିଶାର ସାଂସ୍କୃତିକ, ସାମାଜିକ ଇତିହାସକୁ ଧାରଣ କରି ଏହାର ଗତି। ପ୍ରାଚୀନ ସାହିତ୍ୟରେ ଆତ୍ମଜୀବନୀ ଖୋଜିବାକୁ ଗଲେ ଅବଶ୍ୟ ନିରାଶ ହେବାକୁ ପଡ଼େ। କବିମାନେ ଏହା ତାଙ୍କର ଆତ୍ମବଡ଼ିମାର ପରିଚୟ ହୋଇଯିବ ବୋଲି ବିବେଚନା କରୁଥିଲେ। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆଧୁନିକ ସାହିତ୍ୟର ଉନ୍ମେଷ ଘଟିଛି। ନବଜାଗରଣ ବା ରେନେସାଁର ପ୍ରଭାବରେ ସାହିତ୍ୟରେ ଆସିଛି ପରିବର୍ତ୍ତନ। ପାରମ୍ପରିକ ରୀତିକୁ ପରିହାର କରି ଲେଖକ ବ୍ୟକ୍ତିସଚେତନତା ଆଡ଼କୁ ଅଗ୍ରସର ହୋଇଛି। ସାହିତ୍ୟର ଆଂଗିକ ଦିଗରେ ପରିବର୍ତ୍ତନ ହୋଇ ସୃଷ୍ଟି ହୋଇଛି ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ ସାହିତ୍ୟ ତଥା ଜୀବନୀ ସାହିତ୍ୟ ପରି ବିଭାଗମାନ। ତନ୍ମଧ୍ୟରୁ ଆତ୍ମଜୀବନୀ ବିଭାଗଟି ପାଠକକୁ ବିଶେଷ ଭାବରେ ଆକୃଷ୍ଟ କରେ। ଏହା କଳ୍ପନାର ମାୟାଜାଲ ସୃଷ୍ଟି କରେନାହିଁ; ଦିଏ ବାସ୍ତବ ଚିତ୍ର। ଏହା ଅନୁପ୍ରାଣିତ କରେ। ଘଟିଯାଇଥିବା ଘଟଣା ଓ ସମୟର ନିଛକ ପ୍ରତିଛବି ଦର୍ଶକ ସମ୍ମୁଖରେ ଯଥାଯଥ ଉପସ୍ଥାପନ କରେ। ଏହା ପ୍ରତ୍ୟେକ ମଣିଷ ପାଇଁ ଯେପରି ଶିକ୍ଷଣୀୟ, ସମାଜ ପାଇଁ ସେହିପରି ଉପାଦେୟ। ଗୋଟିଏ ଜୀବନର ସୁଖଦୁଃଖର କାହାଣୀ, ସଫଳତାର ଚାବିକାଠି, ବିଫଳତାର ଅଶ୍ରୁଳ ବର୍ଣ୍ଣନା, ଅନୁଭୂତିର ବାସ୍ତବ ରୂପରେଖ ମଣିଷକୁ କରେ ମୁଗ୍ଧ, ଦିଏ ସାନ୍ତ୍ୱନା, କରେ ନୂତନ ଦିଶାର ପ୍ରଦର୍ଶନ। ଆତ୍ମଜୀବନୀ ଏକ ଜୀବନ୍ତ ଦଲିଲ୍। ଏହା କେବଳ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନ ରୂପ ଅଙ୍କନରେ ପୂର୍ଣ୍ଣ ହୁଏନାହିଁ; ତା' ସହିତ ଏଥିରେ ସ୍ଥାନ ପାଏ ତତ୍କାଳୀନ ପରିବେଶ, ଘଟଣା, ସମାଜ ଓ ରାଜନୀତିର ଚିତ୍ର। ଏହା ଇତିହାସକୁ ଖୋରାକ୍ ଯୋଗାଏ। ସମାଜତତ୍ତ୍ୱବିତ୍, ସଂସ୍କୃତିବିତ୍, ଐତିହାସିକ ଓ ରାଜନୀତି ଗବେଷକକୁ ତଥ୍ୟ ପ୍ରଦାନ କରେ। ସାହିତ୍ୟିକଙ୍କ ସୃଷ୍ଟି ଅନ୍ତରାଳରେ ଥିବା ପଟ୍ଟଭୂମିକୁ ଉଜାଗର କରେ। ଏ ସମସ୍ତ କାରଣରୁ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଆତ୍ମଜୀବନୀର ବିଶେଷତ୍ୱ ସ୍ୱତଃ ବାରି ହୋଇପଡ଼େ। ଏସବୁ ସତ୍ତ୍ୱେ ସମସ୍ତ ଆତ୍ମଜୀବନୀ ପାଠକୀୟ ସ୍ୱୀକୃତି ଲାଭ କରିବାରେ ସମର୍ଥ

ହୁଏନାହିଁ। ଯେକୌଣସି ବ୍ୟକ୍ତି, ଚରିତ ସାହିତ୍ୟର ଅନ୍ତର୍ଭୁକ୍ତ ହୋଇପାରନ୍ତି; କିନ୍ତୁ ବ୍ୟକ୍ତିଗତ ଜୀବନର ଦୈନିକ ଦିନଚର୍ଯ୍ୟା ବା ଅନୁଭୂତି ଘଟଣାବଳୀକୁ ସଜାଇ ଲେଖିଦେଲେ ତାହା ଆତ୍ମଜୀବନୀ ପଦବାଚ୍ୟ ହୁଏନାହିଁ। ଏଥିରେ ଅନ୍ତର୍ଲୋକର ଉଦ୍‌ଘାଟନ ପୂର୍ବକ ଯଦି ଗଭୀର ଜୀବନ ଦର୍ଶନର ଚିତ୍ର ଫୁଟିଉଠେ ଏବଂ ତଦ୍ୱାରା ପରବର୍ତ୍ତୀ ପିଢ଼ି ବା ଜାତି ଅନୁପ୍ରାଣିତ ହୁଅନ୍ତି, ତେବେ ଏହା ସଫଳ ଆତ୍ମଚରିତ ରୂପେ ପରିଗଣିତ ହୁଏ। ଏତଦ୍‌ବ୍ୟତୀତ ଆତ୍ମଜୀବନୀ କଳା ରସାତ୍ମକ ହେବା ଉଚିତ। ନିରସ ବା ପ୍ରାଣହୀନ ସୃଷ୍ଟିର ଆକର୍ଷଣୀୟ କ୍ଷମତା ନଥାଏ। ରସପୂର୍ଣ୍ଣ ସତ୍ୟକାହାଣୀର ଏହା ଅଦ୍ଭୁତ ସାମଞ୍ଜସ୍ୟ ରୂପ ହେବା ବିଧେୟ। ଅକପଟ ସ୍ୱୀକାରୋକ୍ତି ହିଁ ଆତ୍ମଚରିତର ଆତ୍ମା ସଦୃଶ୍ୟ। ଲେଖକ କପଟ ବା ଛଳନାର ବଶବର୍ତ୍ତୀ ହୋଇ ଏହାକୁ ରଚନା କଲେ, ଏହା ଆତ୍ମଚରିତ ପଦବାଚ୍ୟ ହୋଇପାରେ ନାହିଁ। ଆତ୍ମସଂକୋଚ ବା ଆତ୍ମଶ୍ଲାଘା ଆତ୍ମଚରିତ ରଚନା କ୍ଷେତ୍ରରେ ଏକ ମୁଖ୍ୟ ପ୍ରତିବନ୍ଧକ। ଏତଦ୍‌ବ୍ୟତୀତ ଆତ୍ମଚରିତକାର ନିଜପ୍ରତି ଅନାସକ୍ତ ରହି ନିଜ ଦୋଷ ଗୁଣ ବର୍ଣ୍ଣନା କରିବା ଉଚିତ।

.......................................................................

**ବିଷୟର ଆଲୋଚନା:** ବିଂଶ ଆତ୍ମବିଶ୍ଳେଷଣ ହେଉଛି ଆତ୍ମଜୀବନୀ ରଚନାର ଅନ୍ତର୍ନିହିତ କାରଣ। ଆତ୍ମନୀରିକ୍ଷା ଦ୍ୱାରା ହିଁ ମନୁଷ୍ୟ ନିଜ ସ୍ୱରୂପ ଚିହ୍ନି ପାରିଥାଏ। ନିଜର ସ୍ୱରୂପ ଚିହ୍ନିପାରିଲେ ସେ ନିଜକୁ ତଦନୁରୂପ ଗଢ଼ିବାକୁ ଚେଷ୍ଟା କରିଥାଏ। ବେଳେବେଳେ ଆତ୍ମଜୀବନୀ ମଧ୍ୟରେ ଲେଖକଙ୍କର ଆତ୍ମପ୍ରଚାର ଓ ଆତ୍ମପ୍ରତିଷ୍ଠା ଦିଗଟି ସ୍ୱତଃ ବାରି ହୋଇପଡ଼େ। ଏହା ଦୋଷାବହ ନୁହେଁ। ନିଜକୁ ଅନ୍ୟ ଆଗରେ ପ୍ରତିଷ୍ଠିତ କରିବାର କାହାର ଇଚ୍ଛା ନଥାଏ ? ତେବେ ଏ ଦିଗରେ ଲେଖକ ସଚେତନ ରହିବା ଆବଶ୍ୟକ। ଅତିମାତ୍ରାରେ 'ମୁଁ' କାରକୁ ପ୍ରାଧାନ୍ୟ ଦେଇ, ଅନ୍ୟକୁ ନୀଚ ଦେଖାଇ, ନିଜକୁ ଏକମାତ୍ର ସାଧୁ ଦେଖାଇବାର ପ୍ରବୃତ୍ତି ବେଳେବେଳେ ଆତ୍ମଜୀବନୀକୁ ବିକଳାଙ୍ଗ କରିଦିଏ। "ଆତ୍ମଜୀବନୀ ଆଦୌ ବ୍ୟକ୍ତିର ପ୍ରଚାରପତ୍ର ନୁହେଁ। ଯିଏ ଏପରି କରେ ତାହା ଆଉ ଆତ୍ମଚରିତ ହୁଏନାହିଁ। ଏହା ବ୍ୟକ୍ତି-ଜୀବନର ବିଳାପ ନୁହେଁ। ବିଳାପ ଥାଏ; ଆଳାପ କିନ୍ତୁ ଅଧିକ। ଏହି ଆଳାପ ନିଜ ସହିତ ନିଜର, ଅନ୍ୟ ସହିତ ନିଜର, ନାନାବିଧ ଘଟଣା ଓ ସମସ୍ୟା ସହିତ ନିଜ ଭିତରର ଚିନ୍ତା ଓ ଚେତନାର। ଏହା ସତ୍ୟନିଷ୍ଠ।"(ଠାକୁର ରବୀନ୍ଦ୍ରନାଥ, ଜୀବନ ସ୍ମୃତି, ପୃ. ୧୦୨) ଆତ୍ମଚରିତର ଶବ୍ଦଟି ପାଶ୍ଚାତ୍ୟ ସାହିତ୍ୟ ଅନୁକରଣରେ ସୃଷ୍ଟି ହୋଇଛି। ଇଂରେଜମାନେ ଭାରତ ଅଧିକାର କରିବା ପରେ ଇଂରାଜୀ ଭାଷା ଓ ସାହିତ୍ୟର ପ୍ରଚାର-ପ୍ରସାର, ଭାରତୀୟ ସାହିତ୍ୟକୁ ବହୁ ପରିମାଣରେ ପ୍ରଭାବିତ କରିଛି। ଇଂରାଜୀ ଶିକ୍ଷାର ବହୁଳ ପ୍ରଚାର ଫଳରେ ଦୃଷ୍ଟିକୋଣରେ ଆସିଛି ପରିବର୍ତ୍ତନ। ପାରମ୍ପରିକ ଚିନ୍ତାଧାରାଠାରୁ ଲୋକେ ଦୂରକୁ ଯାଇ ଅଭିନନ୍ଦନ ଜଣାଇଛନ୍ତି, ପାଶ୍ଚାତ୍ୟ କଲ୍ୟାଣକାରୀ ଚିନ୍ତା ଓ ଚେତନାକୁ। ସୃଷ୍ଟି ହୋଇଛି ଆଧୁନିକ ସାହିତ୍ୟର ବିଭିନ୍ନ ବିଭାଗ। ଓଡିଆସାହିତ୍ୟ ମଧ୍ୟ ଏଥିରୁ ନିଜକୁ ଅଲଗା ରଖିପାରି ନାହିଁ। ବଂଗଳା, ହିନ୍ଦୀ, ମରାଠୀ, ତେଲୁଗୁ, ତାମିଲ ଆଦି ପ୍ରାଦେଶିକ ଭାଷା ପରି ଓଡିଆସାହିତ୍ୟରେ ମଧ୍ୟ ଆତ୍ମଚରିତର ଧାରା ଲକ୍ଷ୍ୟ କରାଯାଇଛି। ଆତ୍ମଚରିତ ସାହିତ୍ୟ ଆଧୁନିକ ଯୁଗର ସୃଷ୍ଟି ହେଲେ ହେଁ, ପ୍ରାଚୀନ ଓଡିଆସାହିତ୍ୟରେ ଏହାର କିଂଚିତ ଆଭାସ ଦେଖିବାକୁ ମିଳେ। ଏହା ପରୋକ୍ଷ ଭାବରେ କବିକୃତି ମାନଙ୍କରେ ପରିସ୍ଫୁଟିତ ହୋଇଛି। ସିଦ୍ଧାଚାର୍ଯ୍ୟମାନେ ଦୋହାଗୁଡ଼ିକରେ ଆପଣା ପରିଚୟ ଦେବା ସହିତ ଜୀବନ୍ତ ଅନୁଭୂତିକୁ ଅକପଟ ଭାବେ ବ୍ୟକ୍ତ କରିଛନ୍ତି। ଏତଦ୍ ବ୍ୟତୀତ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଉପେନ୍ଦ୍ରଭଂଜ, ଦୀନକୃଷ୍ଣ ଦାସ, ଭୀମଭୋଇ ଆଦି କବିମାନେ ସ୍ୱସୃଷ୍ଟି ମାନଙ୍କରେ ଆପଣା ବିଷୟରେ ଉଲ୍ଲେଖ କରି ଯାଇଛନ୍ତି। ଆତ୍ମଚରିତର ପ୍ରକୃତ ସ୍ୱରୂପକୁ ଦୃଷ୍ଟିରେ ରଖି ଏଗୁଡ଼ିକୁ ପର୍ଯ୍ୟାଲୋଚନା କଲେ ଅବଶ୍ୟ ନିରାଶ ହେବାକୁ ପଡ଼େ। ଏହା କେବଳ ଆତ୍ମଚରିତର ସଂକେତ ଓ ଆଭାସ ପ୍ରଦାନ କରେ। ତେବେ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପାଶ୍ଚାତ୍ୟ ରୀତିର ଅନୁସରଣ ପୂର୍ବକ ଆତ୍ମଚରିତର ପ୍ରକୃତ କଳେବର ବିକଶିତ ହେବାକୁ ଆରମ୍ଭ କରିଛି। ଓଡିଆସାହିତ୍ୟରେ ଫକୀରମୋହନ ସେନାପତିଙ୍କ 'ଆତ୍ମଚରିତ' ହିଁ ପ୍ରଥମ ସାର୍ଥକ ରଚନା। ଏହାପୂର୍ବରୁ ରାଧାନାଥଙ୍କ ନିଜ ପୁତ୍ର ଶଶିଭୂଷଣଙ୍କ ପାଖକୁ ଲେଖିଥିବା ଚିଠିରେ ଆତ୍ମଜୀବନୀର ଆଭାସ ଦେଖିବାକୁ ମିଳେ। ଉକ୍ତ ଚିଠିଟି ତାଙ୍କ ଅକପଟ ହୃଦୟର ପାପ ସ୍ୱୀକାରୋକ୍ତି। ଏହା ଠିକ୍ ତାଙ୍କର ଆତ୍ମଚରିତ ନୁହେଁ, ଆତ୍ମନିବେଦନ ମାତ୍ର। ଏହା ପୂର୍ଣ୍ଣ ନୁହେଁ, ଆତ୍ମଚରିତର ଏକ ଖଣ୍ଡିତ ଅଂଶ ମାତ୍ର। ତେଣୁ ଫକୀରମୋହନ ନିଜେ ହିଁ ନିଜର ଆଦର୍ଶ ସୃଷ୍ଟି କରିଛନ୍ତି 'ଆତ୍ମଚରିତ' ରଚନାରେ। ତାଙ୍କର ଏହି ଆତ୍ମଚରିତଟି ଓଡିଆଗଣଜୀବନର ସାର୍ଥକ ପ୍ରତିଫଳନ। ଜୀବନର ବାସ୍ତବ ଘଟଣାଗୁଡ଼ିକୁ ସେ ଏପରି ଭାବରେ ବର୍ଣ୍ଣନା କରିଛନ୍ତି, ଯାହା କଳ୍ପନା ପରି ମନେହୁଏ। ଉପନ୍ୟାସର ଭ୍ରମ ସୃଷ୍ଟି କରେ। ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ଚିନ୍ତାମଣି ମହାନ୍ତି, ଗଙ୍ଗାଧର ମେହେର, ଗୋପାଳ ପ୍ରହରାଜ, ଗୋବିନ୍ଦ ମିଶ୍ର ଆଦି ଆତ୍ମଚରିତ ରଚନାରେ ମନୋନିବେଶ କରିଥିଲେ ହେଁ ଏହା ଫକୀରମୋହନଙ୍କ ଆତ୍ମଚରିତ ନିକଟରେ ଏତେଟା ସାର୍ଥକ ହୋଇପାରିନାହିଁ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଭିନ୍ନ ସାହିତ୍ୟିକ, ରାଜନୀତିକ ନେତା, ଶିକ୍ଷାବିତ୍, ନାଟ୍ୟକାର, ସମାଜସେବୀ, ଡାକ୍ତର, ଇଂଜିନିୟର, ବିଚାରକ, ଆଇନଜୀବୀ, ପ୍ରଶାସକ, ଶିଳ୍ପୀ, ବ୍ୟବସାୟୀ, ଦଳିତ, ଆଦିବାସୀ ଚିନ୍ତକ ଆଦି ଆତ୍ମଚରିତ ରଚନା କରି ଏହାର କଳେବରକୁ ପରିପୁଷ୍ଟ କରିଛନ୍ତି। ଓଡ଼ିଆ ଆତ୍ମଚରିତର ଧାରାକୁ ଅନୁଧ୍ୟାନ କଲେ ଏଥିରେ ଥିବା ବିବିଧତାକୁ ଲକ୍ଷ୍ୟ କରିହୁଏ। କେବଳ ମହାପୁରୁଷ ଅଥବା ଅସାଧାରଣ ବ୍ୟକ୍ତିତ୍ୱ ହିଁ ଆତ୍ମଚରିତ ସାହିତ୍ୟ ରଚନା କରି ଉତ୍ତର ପିଢ଼ିକୁ ଅନୁପ୍ରାଣିତ କରିପାରନ୍ତି ସେପରି ନୁହେଁ; ଜଣେ ସାଧାରଣ ବ୍ୟକ୍ତିର ମଧ୍ୟ କହିବା ପାଇଁ ଅନେକ କଥା ଥାଇପାରେ। ତା'ର ଅନୁଭୂତି ଓ ଅଭିଜ୍ଞତା ବି ଆଲୋକଦର୍ଶୀତାର କାର୍ଯ୍ୟ କରିପାରେ। ଡ. ଲାବଣ୍ୟ ନାୟକଙ୍କ ମତରେ "ସାଧାରଣ ବା ଅସାଧାରଣ ଯେକୌଣସି ବ୍ୟକ୍ତିଙ୍କ ଇତିବୃତ୍ତି ରଚିତ ସାହିତ୍ୟର ଉପଜୀବ୍ୟ ହୋଇପାରେ। ଏହି ବ୍ୟକ୍ତି ଜଣେ ସାହିତ୍ୟିକ, ଜଣେ ଅଭିନେତା, ଜଣେ ସୈନିକ, ଜଣେ ଖେଳାଳି, ଜଣେ କଳାକାର, ଜଣେ ସମାଜସେବୀ,

DOI: 10.70541/BAGEESHA/20250303305
VOL NO 03 ISSUE NO 03

ଜଣେ ରାଜନୀତିଜ୍ଞ, ଜଣେ ଯୋଦ୍ଧା, ଜଣେ ଦୀନହୀନ ଭିକ୍ଷୁକ ହୋଇପାରନ୍ତି। XXX ତେଣୁ ଚରିତ ସାହିତ୍ୟ ପାଇଁ ଆଭିଜାତ ଓ ଅନ୍ତ୍ୟଜ ବ୍ୟକ୍ତିର ଭେଦ ରହିବ କାହିଁକି?"(ନାୟକ ଲାବଣ୍ୟ, ଓଡିଆ ଚରିତ ସାହିତ୍ୟ, ପୃ. ୦୩) ଓଡିଆ ଆତ୍ମଜୀବନୀରେ ମଧ୍ୟ ଏପରି ଅନେକ ଆତ୍ମଜୀବନୀର ନଜିର ରହିଛି। ଓଡିଆ ସାହିତ୍ୟର ଦ୍ୱିତୀୟ ଆତ୍ମଜୀବନୀ ଏକ ଦସ୍ୟୁର ଆତ୍ମକାହାଣୀ। ଯଦିଓ ଏହା ପୂର୍ଣ୍ଣାଙ୍ଗ ନୁହେଁ, ତଥାପି ଜଣେ ଦସ୍ୟୁର ଅକପଟ ସ୍ୱୀକାରୋକ୍ତି ଏହାକୁ ପ୍ରାଣବନ୍ତ କରେ। ସେହିପରି ଜଣେ ଇଂଜିନିଅର ପରବର୍ତ୍ତୀ ସମୟରେ ବୌଦ୍ଧଭିକ୍ଷୁରେ ପରିଣତ ହେବା ଚିତ୍ରକୁ ଭିକ୍ଷୁ ସଦାନନ୍ଦ 'ମୋ କର୍ମ ଓ ଧର୍ମ ଜୀବନ' ଆତ୍ମଜୀବନୀରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ଢେଙ୍କାନାଳର ରାଜମାତା 'ରତ୍ନପ୍ରଭା ଦେବୀ'ଙ୍କ '୧୯୦୯ ମସିହାରୁ ଏପର୍ଯ୍ୟନ୍ତ', ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ 'ଅନ୍ୱେଷାର ଆକାଶ', ନିଜ ପିତାଙ୍କ ସ୍ମୃତିଚାରଣ ପୂର୍ବକ କପିଳ ମିଶ୍ରଙ୍କ 'ମୋ ନନା', ପ୍ରଚ୍ଛଦପଟର ଶିଳ୍ପୀ ଅସୀମ ବସୁଙ୍କ 'କଥାରେ କଥାରେ', ଜଣେ ଆଦିବାସୀ ଦ୍ୱାରା ରଚିତ ଆଦିବାସୀ ଜୀବନର ଗାଥା ତଥା ପ୍ରଥମ ଆଦିବାସୀ ଆତ୍ମଜୀବନୀ ସୁମନୀ ଝୋଡ଼ିଆଙ୍କ 'ମୁଁ ସୁମନୀ କହୁଚେ', ଦିବାକର ଦାସଙ୍କ ଏକ ଦଳିତ ଆତ୍ମଜୀବନୀ 'ଖରସୁଆଁରୁ କୁଲାବିରି, ରାଜକିଶୋର ଛୋଟରାୟଙ୍କ 'ମୋ ଶିକାର ଜୀବନର କାହାଣୀ', ପ୍ରାଶାସନିକ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ଚାନ୍ଦଙ୍କ 'ମୁଖର ଅତୀତ' ଆଦି ବିବିଧତାପୂର୍ଣ୍ଣ ଆତ୍ମଚରିତ ସାହିତ୍ୟର ବିକଶିତ କଳେବରକୁ ଉଦ୍‌ଘାଟିତ କରେ। ଜଣେ ବ୍ୟକ୍ତିର ଆତ୍ମଜୀବନୀ କେବଳ ତା ନିଜର ଜୀବନଗାଥା ପ୍ରକାଶ କରେ ନାହିଁ; ବରଂ ତା'ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ବିଷୟରେ ମଧ୍ୟ ଅନେକ ତଥ୍ୟ ପ୍ରଦାନ କରେ। ଆତ୍ମଜୀବନୀ ପାଠକଲେ ଚରିତକାରର ଜୀବନସଂଘର୍ଷ ସାଙ୍ଗକୁ ତତ୍‌କାଳୀନ ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଚିତ୍ରପଟ୍ଟକୁ ପାଠକ ଅନୁଧ୍ୟାନ କରିବାରେ ସଫଳ ହୁଏ। ଦାମ୍ପତ୍ୟ ଜୀବନର ସୁଖ, ଦୁଃଖ, ଭୁଲ ବୁଝାମଣା, ଅସନ୍ତୋଷ, ଜୀବନରେ ଭୁଲ ପାଇଁ କରିଥିବା ଅନୁତାପ, ତ୍ୟାଗ, ପ୍ରତିଶୋଧ ଆଦି ପାଠକରି ପାଠକ ତଦଅନୁସାରେ ଜୀବନକୁ ଗଢ଼ିବାକୁ ଚେଷ୍ଟା କରେ। ଫକୀରମୋହନ ସେନାପତିଙ୍କ ପ୍ରଥମ ଦାମ୍ପତ୍ୟ ଜୀବନର ଅସନ୍ତୋଷ, ନିତ୍ୟାନନ୍ଦ ଶତପଥୀଙ୍କ ସାଂସାରିକ ଜୀବନର ଝଡ଼, ବେଣୀମାଧବ ପାଢ଼ୀ, ସୁରେନ୍ଦ୍ର ମହାନ୍ତି, ହରେକୃଷ୍ଣ ମହତାବଙ୍କ ପରିବାର ପ୍ରତି ଅବହେଳା ଆଦିରୁ ଶିକ୍ଷା କରିବାର ଆବଶ୍ୟକତା ରହିଛି। ଉତ୍ତର ଜୀବନରେ ଏମାନଙ୍କ ଅନୁତାପ ମଧ୍ୟ ଲକ୍ଷଣୀୟ। ସେହିପରି ସମାଜସେବୀଙ୍କ ଠାରୁ ତ୍ୟାଗ, ଶିକ୍ଷାବିତ୍‌ଙ୍କ ଠାରୁ ଅନୁଶାସନ ଓ ଶିକ୍ଷାର ମହତ୍ତ୍ୱ, ସାହିତ୍ୟିକ ତଥା ନାଟ୍ୟକାରଙ୍କ ଠାରୁ କଳା କାରିଗରୀ ଓ ମାର୍ଜିତ ଭାଷାଶୈଳୀ ଆଦି ଶିକ୍ଷଣୀୟ। ଓଡିଆ ଆତ୍ମଜୀବନୀ ଅଧ୍ୟୟନ ପୂର୍ବକ ଏଥିରୁ ଦୀର୍ଘ ଏକ ଶତାବ୍ଦୀର ରାଜନୀତିକ ଅବସ୍ଥାର ଚିତ୍ର ପ୍ରାପ୍ତ ହୋଇପାରିବ। ମୁଖ୍ୟତଃ ରାଜନୀତି ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କ ଆତ୍ମଜୀବନୀରୁ ଓଡ଼ିଶା ତଥା ଭାରତୀୟ ରାଜନୀତିର ଏକ ସ୍ଥୂଳ ବିବରଣୀ ମିଳିଥାଏ। ଆତ୍ମଜୀବନରୁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଉଭୟ ସମୟର ରାଜନୀତିକ ପରିବେଶ ବିଷୟରେ ଜାଣିହୁଏ। ସ୍ୱାଧୀନତା ପୂର୍ବ ରାଜନୀତିରେ ମୁଖ୍ୟତଃ ଦେଶମୁକ୍ତି ଆନ୍ଦୋଳନ, ଜାତୀୟ ସ୍ୱାଭିମାନ ପାଇଁ ସଂଘର୍ଷ, କଂଗ୍ରେସ ଦଳର ଉତ୍‌ଥାନ, ମହାତ୍ମାଗାନ୍ଧୀ, ବୋଷଙ୍କ ନେତୃତ୍ୱ, ଓଡ଼ିଶାରେ ପ୍ରଥମ ମନ୍ତ୍ରିମଣ୍ଡଳର ଗଠନ, ଆଦି ପ୍ରମୁଖ ସ୍ଥାନ ଅଧିକାର କରିଥିଲାବେଳେ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିରେ ଗଣତନ୍ତ୍ର ଶାସନ, କ୍ଷମତା ସଂଘର୍ଷ, ସାଂପ୍ରଦାୟିକ ଦଙ୍ଗା, ଗୋଷ୍ଠୀ କନ୍ଦଳ, ଭୋଟ ରାଜନୀତି, ଜରୁରୀକାଳୀନ ପରିସ୍ଥିତି, ବ୍ୟକ୍ତିସ୍ୱାର୍ଥ, ଉପଭୋଗବାଦର ପ୍ରଭାବ ବିସ୍ତାର, ଶିକ୍ଷାନୁଷ୍ଠାନରେ ରାଜନୀତିର ପ୍ରବେଶ ଆଦି ସଂପର୍କରେ ସୂଚନା ରହିଅଛି। ଗୋବିନ୍ଦ ମିଶ୍ରଙ୍କ ଆତ୍ମଜୀବନୀରେ କଂଗ୍ରେସ ଦଳ ସୃଷ୍ଟି, କଂଗ୍ରେସ ସଭାପତିତ୍ୱ ପାଇଁ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଚୌଧୁରୀଙ୍କ ମଧ୍ୟରେ ପ୍ରତିଯୋଗିତା, କଂଗ୍ରେସରେ ତାଙ୍କ ପ୍ରତି କରାଯାଇଥିବା ଅବହେଳା ପ୍ରକାଶ ପାଇଥିଲାବେଳେ, ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ଉତ୍କଳ ସମ୍ମିଳନୀ ଗଠନ, କ୍ଷମତା ରାଜନୀତି ତଥା ଅର୍ଥସର୍ବସ୍ୱ ରାଜନୀତିର ଚିତ୍ର ପ୍ରଦତ୍ତ। ପୋଲିସ୍ ତଥା ପ୍ରାଶାସନିକ ଅଧିକାରୀ ରାଜନୀତିକ ନେତାମାନଙ୍କ ହାତବାରିସି ହେବା ଓ ରାଜନୀତିରେ ବ୍ୟକ୍ତିସ୍ୱାର୍ଥ ଓ ଉପଭୋଗବାଦର ପ୍ରଭାବ ବିସ୍ତାର ନୀଳମଣି ରାଉତରାୟଙ୍କ 'ସ୍ମୃତି ଅନୁଭୂତି'ରେ ବର୍ଣ୍ଣିତ। ସୁରେନ୍ଦ୍ର ମହାନ୍ତି ଆପଣା ଆତ୍ମଜୀବନୀ 'ପଥ ଓ ପୃଥିବୀ'ରେ ରାଜନୀତିର ଅନ୍ୟନାମ କମ୍ପ୍ରୋମାଇଜ୍ ବୋଲି ଘୋଷଣା କରନ୍ତି। ସୀମା ଆନ୍ଦୋଳନ ଓ ଦେଶମିଶ୍ରଣରେ ଓଡ଼ିଶା ରାଜନୀତିକ ନେତାଙ୍କ ଅପାରଗତାକୁ ସେ ସର୍ବସମ୍ମୁଖରେ ଉଦ୍‌ଘାଟନ କରିଛନ୍ତି ।ବିବୁଧେନ୍ଦ୍ର ମିଶ୍ର ଓ ରବି ରାୟଙ୍କ ଆତ୍ମଜୀବନୀରୁ ଭାରତୀୟ ରାଜନୀତି ସଂପର୍କରେ ଅନେକ ତଥ୍ୟ ଜାଣିବାକୁ ମିଳେ। ମନ୍ମଥ ନାଥ ଦାସ, ଛାତ୍ରମାନଙ୍କ ଉପରେ ରାଜନୀତିର କୁପ୍ରଭାବ ତଥା କଲେଜ ରାଜନୀତି ସଂପର୍କରେ ଆପଣା ଆତ୍ମଜୀବନୀରେ ସୂଚନା ଦେଇଛନ୍ତି। ମୋଟାମୋଟି ଭାବେ ରାଜନୀତି ସହ ସଂଶ୍ଳିଷ୍ଟ ପ୍ରତ୍ୟେକ ଆତ୍ମଜୀବନୀକାର ନିଜ ବ୍ୟକ୍ତିଗତ ରାଜନୀତିକ ଜୀବନ ବିଷୟରେ ବର୍ଣ୍ଣନା କରିବା ସହ ରାଜନୀତିର ପଙ୍କିଳ ଦିଗଟିକୁ ଦର୍ଶାଇବାର ପ୍ରୟାସ କରିଛନ୍ତି। ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଆତ୍ମଜୀବନୀର କିଛି ପଂକ୍ତିରୁ ଏହା ସ୍ପଷ୍ଟ ହୋଇପାରିବ। "ରାଜନୀତିକ ଜୀବନ ଏବେ ପଙ୍କିଳ ହୋଇଗଲାଣି। ଅସତ୍‌ପନ୍ଥା ଗ୍ରହଣ କରି ଧନ କମାଇବା କିମ୍ବା ନିଜର ପ୍ରଭାବ ବିସ୍ତାର କରିବା ଏକ ସଫଳ କାର୍ଯ୍ୟ ରୂପେ ଗ୍ରହଣ କରାଯାଉଛି ।"(ଦ୍ୱିବେଦୀ ସୁରେନ୍ଦ୍ରନାଥ, ମୋ ଜୀବନ ସଂଗ୍ରାମ, ପୃ. ୧୨)

ଆତ୍ମଚରିତରେ ବ୍ୟକ୍ତିର ଜୀବନବୃତ୍ତାନ୍ତ ସହିତ ସମକାଳୀନ ସମାଜର ଚିତ୍ର ମଧ୍ୟ ପ୍ରକାଶ ପାଏ। ଚରିତକାର ଯେଉଁ ସମାଜରେ ବାସ କରେ ସେଠାକାର ରୀତିନୀତି, ଚାଲିଚଳନ, ସଂସ୍କାର, ଧର୍ମ, ବିଶ୍ୱାସ ବେଶଭୂଷା, ଖାଦ୍ୟପେୟ, ଶାସନପଦ୍ଧତି ଆଦିକୁ ସେ ପୁସ୍ତକରେ ସ୍ଥାନ ଦିଏ। ବିଭିନ୍ନ ଆତ୍ମଜୀବନୀରୁ ଓଡ଼ିଶାର ଦୀର୍ଘ ଦେଢ଼ଶହ ବର୍ଷର ସାମାଜିକ ଓ ସାଂସ୍କୃତିକ ଅବସ୍ଥାର ପରିଚୟ ମିଳିଥାଏ। ପ୍ରଥମ ଚରିତକାର ଭାବରେ ଫକୀରମୋହନ ସେନାପତି ଏ ଦିଗଟି ପ୍ରତି ବେଶ୍ ଦୃଷ୍ଟି ଦେଇଛନ୍ତି। ତାଙ୍କ 'ଆତ୍ମଚରିତରେ ଊନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧର ସାମାଜିକ ଜୀବନ ବିଷୟରେ ବର୍ଣ୍ଣନା ରହିଛି। ପେଣ୍ଡାବାଳ ଉଚ୍ଛେଦ,ଲାଞ୍ଛନେବା ପ୍ରବୃତ୍ତି,

DOI: 10.70541/BAGEESHA/2025030305

VOL NO 03 ISSUE NO 03

ସାଧୁବେଶ ଧାରଣ କରି ଗ୍ରାମରେ ଅସାଧୁ କାର୍ଯ୍ୟ କରିବା, ମଦ୍ୟପାନ ସଭ୍ୟସମାଜର ଅଂଗ ରୂପେ ଗୃହୀତ ହେବା, ହିନ୍ଦୁ ମୁସଲମାନ ସୁସଂପର୍କ, ବ୍ରାହ୍ମଧର୍ମରେ ସଂସ୍କାର, ୧୮୬୬ ଦୁର୍ଭିକ୍ଷର କରାଳ ଚିତ୍ର, ଗଡ଼ଜାତ ରାଜାଙ୍କ ଅତ୍ୟାଚାର ଆଦି ବିଷୟରେ ସେ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଗୋବିନ୍ଦ ମିଶ୍ରଙ୍କ ଆତ୍ମଜୀବନୀରୁ ଗଡ଼ଜାତ ଶାସନରୀତି, ବ୍ରାହ୍ମଣ ଆଧିପତ୍ୟ, ଜାତିଭେଦ, ଶିକ୍ଷାପଦ୍ଧତି ଆଦି ପ୍ରକାଶ ପାଇଲା ବେଳେ, ଗୋଦାବରୀଶ ମିଶ୍ର ବ୍ରାହ୍ମଣ ସମାଜର ସଂସ୍କାର, ବ୍ରାହ୍ମଣ କରଣ ବିଦ୍ୱେଷ ଆଦି ସଂପର୍କରେ ଉଲ୍ଲେଖ କରିଛନ୍ତି। ବ୍ରାହ୍ମଣ ସମାଜରେ ଜ୍ୱାଇଁପଣ, ବିବାହ ରୀତି, ଜାତିକିଣା ଆଦି ପ୍ରଥାକୁ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ନୀଳକଣ୍ଠ ଦାସ ଆପଣା ଆତ୍ମଜୀବନୀ ମାଧ୍ୟମରେ ଦର୍ଶାଇଛନ୍ତି। ନିଶାକର ଦାସ ଓ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀରୁ ତତ୍‌କାଳୀନ ଆଦିବାସୀ ଓ ଦଳିତ ସମାଜର ଚିତ୍ର ପ୍ରକାଶ ପାଇଛି। ସେହିପରି 'ମୋ ଫୁଟା ଡଙ୍ଗାର କାହାଣୀ' ରେ ତତ୍‌କାଳୀନ ପରଦା ପ୍ରଥା, 'ଜୀବନପଥେ'ରେ ୧୮୬୬ ନଅଁଙ୍କ ଦୁର୍ଭିକ୍ଷରେ କଳାହାଣ୍ଡି ଜିଲ୍ଲାର ମରୁଡ଼ିର ଭୟାବହତା, ଧର୍ମବିଦ୍ୱେଷ, ସାମାଜିକ ସଂସ୍କାର, 'ଉତ୍ତରକକ୍ଷ'ରେ ପାଇକମାନଙ୍କ ବେଶଭୂଷା, ଖାଦ୍ୟପେୟ, ଅସ୍ତ୍ରଶସ୍ତ୍ର, ବାଦ୍ୟ, ଔଷଧ, ମାଘମାସିଆ ନରବଳି, 'ଦିଗପହଣ୍ଡିର ଡ୍ରଇଁମାଷ୍ଟ୍ରେ'ରେ ପ୍ରାଚୀନ ଖେମୁଣ୍ଡିଗଡ଼ ରାଜାରାଜୁଡ଼ାଙ୍କ ଚାଲିଚଳଣି, ଦିଗପହଣ୍ଡିର ଲୋକସଂସ୍କୃତି, ଓଷାକୋଠୀ, ଡୁମ୍ଫାଦଳ, 'ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ' ରେ ବାଲ୍ୟବିବାହ, ପରିବାରରେ ପୁଅ ଝିଅ ମଧ୍ୟରେ ଭେଦଭାବ, 'ମୋ ସଂଗ୍ରାମୀ ଜୀବନ'ରୁ ଗଡ଼ଜାତର ବିଭିନ୍ନ ପ୍ରକାର ବେଠି ପ୍ରଥା ଆଦି ସଂପର୍କରେ ଏକ ବିସ୍ତୃତ ବିବରଣୀ ପ୍ରାପ୍ତ ହୋଇପାରିଛି। ଛୋଟ ପିଲାମାନଙ୍କୁ ରୋଗ ତଥା ମୃତ୍ୟୁ ଦାଉରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସାମୟିକ ଭାବେ ଅନ୍ୟ ସଂପ୍ରଦାୟ ତଥା ନୀଚ ଜାତି ଅଥବା ଠାକୁରଙ୍କ ଉଦ୍ଦେଶ୍ୟରେ ବିକ୍ରି କରିବା ବିଶ୍ୱାସ ତତ୍‌କାଳୀନ ସମାଜରେ ପ୍ରଚଳିତ ଥିଲା; ଯାହା ବୈଷ୍ଣବ ପାଣି, ଫକୀରମୋହନ ସେନାପତି, ମନ୍ମଥନାଥ ଦାସ ଆଦି ଆପଣା ଆତ୍ମଜୀବନୀରେ ପ୍ରକାଶ କରିଛନ୍ତି। ଏତଦ୍‌ବ୍ୟତୀତ ଆତ୍ମଜୀବନର ଅଧ୍ୟୟନରୁ ସେତେବେଳେ ସମାଜରେ କଳାର ସ୍ଥାନ, ନାରୀମାନଙ୍କ ଯାତ୍ରାରେ ଅଭିନୟ କରିବାରେ ପ୍ରତିବନ୍ଧକ, କଳା ପାଇଁ ରାଜ ପୃଷ୍ଠପୋଷକତା, ଗାଁର ଚିତ୍ର, ଆଇନ ବ୍ୟବସ୍ଥା, ଅନ୍ଧାରୀ ମୂଳକରେ ନିରୀହ ପ୍ରଜାଙ୍କ ଉପରେ ଅତ୍ୟାଚାର, ସେମାନଙ୍କ ଧର୍ମ, ମନସ୍ତତ୍ତ୍ୱ ଅନ୍ଧବିଶ୍ୱାସ ଆଦି ସଂପର୍କରେ ଅନେକ ତଥ୍ୟ ପ୍ରାପ୍ତ ହୁଏ। ଆତ୍ମଜୀବନୀ ଅଧ୍ୟୟନ ଫଳରେ ସାମାଜିକ ଜୀବନରେ ଯେଉଁସବୁ ପରିବର୍ତ୍ତନ ଆସିଛି ତା'ର ଏକ ନିଖୁଣ ଚିତ୍ର ପ୍ରାପ୍ତ ହୋଇପାରିବ।

ଆତ୍ମଜୀବନୀ ଅଧ୍ୟୟନ ପୂର୍ବକ ଓଡ଼ିଶାର ଯାତ୍ରା, ନାଟକ, ସଂଗୀତ, ଚଳଚ୍ଚିତ୍ର ସଂପର୍କରେ ଅନେକ ତଥ୍ୟ ପ୍ରାପ୍ତ ହୁଏ। ଅନେକ କଳାପ୍ରେମୀ ସେମାନଙ୍କ ଆତ୍ମଜୀବନୀରେ ତତ୍‌କାଳୀନ ଓଡ଼ିଶାର କଳା ଓ ସଂସ୍କୃତିକୁ ଦର୍ଶାଇବା ସହ ନିଜ ଅଙ୍ଗେ ନିଭା ଅନୁଭୂତି ଓ କଳାକ୍ଷେତ୍ରରେ ନିଜ ଅବଦାନକୁ ଉଲ୍ଲେଖ କରିଛନ୍ତି। କଳାକାର ତଥା ଲେଖକମାନଙ୍କ ପରସ୍ପର ପ୍ରତି ରହିଥିବା ଅସୂୟା ଭାବକୁ ମଧ୍ୟ ଆତ୍ମଜୀବନୀରେ ସ୍ଥାନ ଦିଆଯାଇଛି। କଳା ସହ ସଂଶ୍ଳିଷ୍ଟ ଚରିତକାରଙ୍କ ଜୀବନୀରୁ ତତ୍‌କାଳୀନ ଯାତ୍ରା ପରମ୍ପରା, ରଙ୍ଗମଞ୍ଚ , ଅଭିନୟ, ଅଭିନେତା, ଶିଳ୍ପୀ, ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ, ନୃତ୍ୟ, ଓଡିଆ ଚଳଚ୍ଚିତ୍ର, କଳାକାରଙ୍କ ମଧ୍ୟରେ ବାଦବିବାଦ, ଅଞ୍ଚଳଭେଦରେ କଳାର ବୈଶିଷ୍ଟ୍ୟ, ମଞ୍ଚ ନାଟକ, ବେତାର ନାଟକ ଆଦି ବିଷୟରେ ସୂଚନା ମିଳେ। ଭଂଜକିଶୋର ପଟ୍ଟନାୟକଙ୍କ 'ଜୀବନର ଜୟଯାତ୍ରା'ରେ ଲେଖକମାନଙ୍କ ପରସ୍ପର ପ୍ରତି ରହିଥିବା ଅସୂୟା ଭାବ, ନାଟକରେ ଚୌର୍ଯ୍ୟବୃତ୍ତି , ଅଶ୍ଳୀଳତା, ଓଡ଼ିଶା ଥିଏଟର୍ସ ଓ ଅନ୍ନପୂର୍ଣ୍ଣା ଥିଏଟର୍ସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଚଳଚ୍ଚିତ୍ର ପ୍ରତି ତାଙ୍କର ଅବଦାନ ଆଦିକୁ ଦର୍ଶାଯାଇଛି। ଚଳଚ୍ଚିତ୍ର ଜଗତର କଳଙ୍କିତ ଦିଗଟିକୁ ମନ୍ମଥନାଥ ଦାସ ନିଜ ଆତ୍ମଜୀବନୀରେ ଦର୍ଶାଇଛନ୍ତି। ବମ୍ବେ ସିନେମା ଜଗତରେ ବ୍ୟବହୃତ କଳାଧନ ସଂପର୍କରେ ସେ କହନ୍ତି, "ବମ୍ବେ ସିନେମା ଜଗତର ଅସଲ ପ୍ରଭୁମାନେ ହେଲେ ଗଲ୍ଫ ଦେଶଗୁଡ଼ିକରୁ ଗୋପନରେ ସୁନା ଓ ଡ୍ରଗସ୍ ଆମଦାନୀ କରୁଥିବା ଚୋରା ବ୍ୟବସାୟୀ ଗୋଷ୍ଠୀ ××× ଏମାନଙ୍କ ସାମ୍ରାଜ୍ୟରେ ହଜାର ହଜାର କୋଟି ଟଙ୍କାର କଳାଧନ ଅହରହ ଖେଳିବୁଲେ। ଚଳଚ୍ଚିତ୍ର ଜଗତର ପ୍ରଯୋଜକମାନେ ଏମାନଙ୍କ ଚରଣଧୂଳି ମୁଣ୍ଡରେ ନଦେଲେ ଫିଲ୍ମ ତିଆରି କରିବାକୁ ଆଗେଇ ପାରନ୍ତି ନାହିଁ।"(ଦାସ ମନ୍ମଥନାଥ, ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ, ପୃ. ୬୦୩) ଦୀନବନ୍ଧୁ ଦାସ (ଟିମା)ଙ୍କ ଆତ୍ମଜୀବନୀରୁ ରାସ, ଯାତ୍ରା ଓ ନାଟକର କ୍ରମବିବର୍ତ୍ତନ ଧାରାକୁ ଲକ୍ଷ୍ୟ କରାଯାଇପାରେ। ମୋହନ ଗୋସ୍ୱାମୀଙ୍କ ରାସଦଳ, କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟର୍ସ, ଅନ୍ନପୂର୍ଣ୍ଣା 'ଏ', 'ବି' ଆଦି ରଂଗମଞ୍ଚ ତଥା କଳାକାରମାନଙ୍କ ସଂପର୍କରେ ଅନେକ ତଥ୍ୟ ଉକ୍ତ ଆତ୍ମଜୀବନୀରୁ ପ୍ରାପ୍ତ ହୁଏ। ସେହିପରି ଗୋପାଳ ଛୋଟରାୟଙ୍କ 'ପଥିକ'ରୁ ବେତାର ନାଟକ, ଚଳଚ୍ଚିତ୍ର ଜଗତର କଥା କାଳୀଚରଣ ପଟ୍ଟନାୟକଙ୍କ 'କୁମ୍ଭାରଚକ'ରୁ ବିଭିନ୍ନ ରଙ୍ଗମଞ୍ଚ , ମଞ୍ଚ ନିର୍ମାଣ କୌଶଳ, ଓଡ଼ିଶୀ ସଂଗୀତ ଓ ନୃତ୍ୟର ମହତ୍ତ୍ୱ, ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟତା, ସାମାଜିକ ନାଟକର ଉତ୍‌ଥାନ, ଓଡ଼ିଶା ଥିଏଟର୍ସର ପତନ, ପ୍ରଫୁଲ୍ଲ ରଥଙ୍କ 'ମୋ ଖେଳଘର'ରୁ ଥିଏଟର ଚଳାଇବାର କୌଶଳ, ଚଳଚ୍ଚିତ୍ରରେ ଅର୍ଥ ହିଁ ସବୁର ନିୟାମକ ଆଦି ବିଷୟ ଜାଣିବାକୁ ମିଳେ। ପ୍ରକୃତରେ କଳା ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସର ଅନେକ ପୃଷ୍ଠା ଆତ୍ମଜୀବନୀରୁ ପ୍ରାପ୍ତ ହୋଇପାରିବ।

ଜୀବନାନୁଭୂତି ସାହିତ୍ୟ ସୃଷ୍ଟିର ମୁଖ୍ୟ ଉତ୍ସ। ଅବଚେତନ ମନର ଆବେଗାନୁଭୂତି ସାହିତ୍ୟରେ ରୂପପାଏ। ଓଡିଆ ସାହିତ୍ୟର ବିଭିନ୍ନ ସୃଷ୍ଟିରେ ସେପରି ଲେଖକର ଜୀବନାନୁଭୂତିର ପ୍ରତିଫଳନ ଘଟିଛି ।ଗଳ୍ପ, ଉପନ୍ୟାସ, କବିତା, ନାଟକ ଆଦି ରଚନାର ପଟ୍ଟଭୂମି ସଂପର୍କରେ ଆତ୍ମଜୀବନୀରେ ଉଲ୍ଲେଖ ରହିଛି। ଫକୀରମୋହନ ସେନାପତି ତାଙ୍କ ରେବତୀ, ସଭ୍ୟ ଜମିଦାର, ଧୂଳିଆବାବା, ବାଲେଶ୍ୱର ପଂଗାଲୁଣ ଆଦି ଗଳ୍ପ, ପୁଷ୍ପମାଳ, ଉପହାର, ଅବସର ବାସରେ କବିତା ଓ ଛ'ମାଣ ଆଠଗୁଣ୍ଠ, ଲଛମା ଉପନ୍ୟାସ ଆଦି ସୃଷ୍ଟିରେ କିପରି ଜୀବନାନୁଭୂତିର ଛାପ ରହିଛି ତାହା ଆତ୍ମଚରିତରେ ଦର୍ଶାଇଛନ୍ତି। ନୀଳକଣ୍ଠ ଦାସ ଛାତ୍ରଙ୍କୁ ଧରି କୋଣାର୍କ ଯାତ୍ରା ଅନୁଭୂତିରେ 'କୋଣାର୍କେ' କାବ୍ୟ ରଚନା କରିଥିବା ବିଷୟ

DOI: 10.70541/BAGEESHA/202503035
VOL NO 03 ISSUE NO 03

ମଧ୍ୟ ଆତ୍ମଜୀବନୀରେ ଉଲ୍ଲେଖ ହୋଇଛି। ସେହିପରି ପୁରୀ ଜିଲ୍ଲା ଡେଲାଙ୍ଗ କେନ୍ଦ୍ର ସମବାୟ ଷ୍ଟୋରର ଜଣେ ସଭ୍ୟଙ୍କ କରୁଣ କାହାଣୀକୁ ନେଇ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ରଚନା, କଟା ହେବା ପାଇଁ ଅଣାଯାଇଥିବା ଖାସି ଓ ପିଲାଦିନର ପ୍ରିୟ କୁକୁର ଟିପିର ସ୍ମୃତିରେ 'ମାଂସର ବିଳାପ' ଗଳ୍ପ, ପୁରୀ ସମୁଦ୍ରର ଆଲୋଡ଼ିତ ଲହରୀର ଅନୁଭୂତିରେ 'ସାଗରିକା' ଆଦି ଅନୁଭୂତିକୁ ପାଥେୟ କରି ଲିଖିତ ଗୋଟିଏ ଲେଖାଏଁ କାଳଜୟୀ ସୃଷ୍ଟି। କାଳୀଚରଣ ପଟ୍ଟନାୟକ, ହରିଣୀଟିଏ ଛୁଆକୁ ଚାଟୁଥିବାର ଦୃଶ୍ୟକୁ ଦେଖି 'ଚୁମ୍ବନ' ନାଟକର ପରିକଳ୍ପନା କରିଥିଲେ। ସେହିପରି ଫଟାଭୂଇଁ, ରକ୍ତମାଟି, ଜୟଦେବ ଆଦି ନାଟକ ରଚନା ପଛରେ ମଧ୍ୟ ନାଟ୍ୟକାରଙ୍କ ଅଙ୍ଗେନିଭା ଘଟଣା ଓ ଅନୁଭୂତି ହିଁ ଖୋରାକ୍ ଯୋଗାଇଛି। ଏତଦ୍‌ବ୍ୟତୀତ ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ ଓ ନୀଳାଦ୍ରିବିଜୟ ଉପନ୍ୟାସରେ ରଥଯାତ୍ରା ଧାରା ବିବରଣୀର ଅନୁଭୂତି, ଅନ୍ଧଦିଗନ୍ତରେ ତିର୍ତ୍ତୋଲ କଂଗ୍ରେସ କର୍ମୀଙ୍କ ପିଠିରେ  ବେତ ଚିହ୍ନର କାହାଣୀ, ମଧୁସୂଦନଙ୍କ ଲୁକ୍‌କାୟିତ ଜୀବନକାହାଣୀକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ 'ଶତାବ୍ଦୀର ସୂର୍ଯ୍ୟ' ଓ 'କୁଳବୃଦ୍ଧ' ଉପନ୍ୟାସ ଆଦି ଜୀବନାନୁଭୂତିର ସ୍ପଷ୍ଟ ପ୍ରତିଫଳନକୁ ଆତ୍ମଜୀବନୀରେ ସ୍ଥାନିତ କରାଯାଇଛି। ସେହପରି ଝଡ଼ରାତ୍ରିରେ ଅସହାୟ ବ୍ୟକ୍ତିର ଛତା ଓ ଗାମୁଛାକୁ ଏକାସଂଗେ ରକ୍ଷା କରିବାର ବିଫଳ ପ୍ରୟାସରୁ ଫତୁରାନନ୍ଦଙ୍କ 'ନାକଟା ଚିତ୍ରକର' ଉପନ୍ୟାସ, ଦୁର୍ଭିକ୍ଷ ମୃତ୍ୟୁକୁ ହୃଦୟଙ୍ଗମ ପୂର୍ବକ ଗୋପାଳ ଛୋଟରାୟଙ୍କ 'ପରକଲମ' ନାଟକ, ଝୋଡ଼ିଆ ପରଜାଙ୍କ ଗାଁ ରମ୍ଭାଲି କୁମ୍ଭାରର ସବ୍‌ଇନିସ୍‌ପେକ୍ଟର ଶ୍ରୀଧର ନାଇକଠୁ ଶୁଣିଥିବା କାହାଣୀ ଗୋପୀନାଥଙ୍କ 'ପରଜା' ଉପନ୍ୟାସ ରୂପନେବା, 'ଦାନାପାଣି', 'ହରିଜନ' ଆଦି କୋରାପୁଟ ଚାକିରି ଜୀବନର ନାନା ଘଟଣାରୁ ଉପନ୍ୟାସର ରୂପ ନେବା ବିଷୟ ଆତ୍ମଜୀବନୀଗୁଡ଼ିକରେ ଉଲ୍ଲେଖ ହୋଇଛି। ଏହିପରି ଅନେକ ଲେଖକଙ୍କ ସୃଷ୍ଟି ଅନ୍ତରାଳରେ ଥିବା ପଟ୍ଟଭୂମିଟିକୁ ଆତ୍ମଜୀବନୀରୁ ଉଦ୍ଧାର କରାଯାଇପାରିବ। ସାହିତ୍ୟ ସୃଷ୍ଟିର ଗବେଷଣା କ୍ଷେତ୍ରରେ ଆତ୍ମଚରିତଗୁଡ଼ିକ ବିଶେଷ ଅବଦାନକୁ ଅସ୍ୱୀକାର କରାଯାଇ ନପାରେ।

ଆତ୍ମଜୀବନୀରେ ବାଦବିବାଦ ଓ ଆକ୍ଷେପର ସ୍ଥାନ ସ୍ୱତନ୍ତ୍ର। ଏହା ପାଠକକୁ ଆକର୍ଷିତ କରେ। ମନରେ ଉତ୍କଣ୍ଠା ଜାତ କରେ। ପ୍ରକୃତ ସତ୍ୟ ଉଦ୍‌ଘାଟନରେ ସାହାଯ୍ୟ କରେ। ଓଡିଆ ଆତ୍ମଜୀବନୀଗୁଡ଼ିକ ଅଧ୍ୟୟନ କଲେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏପରି ଅନେକ ବାଦବିବାଦ ଓ ଆକ୍ଷେପମାନ ଦୃଶ୍ୟ ହୁଏ। ଅନେକ ଜୀବନୀକାର କିଛି ଲୋକଙ୍କ ବିରୋଧରେ ଆତ୍ମଜୀବନୀରେ ବିଷୋଦ୍‌ଗାରଣ କରିଥାନ୍ତି। ତା'ର ପ୍ରତିବାଦରେ ପ୍ରତିପକ୍ଷ ବ୍ୟକ୍ତି ସ୍ପଷ୍ଟୀକରଣ ଦିଅନ୍ତି। ସାଧାରଣତଃ ଏଗୁଡ଼ିକ ସହକର୍ମୀ, ପ୍ରତିଦ୍ୱନ୍ଦ୍ୱୀ, ସହପାଠୀ, ଏପରିକି ପରିବାର ସଦସ୍ୟଙ୍କ ବିରୋଧରେ  ମଧ୍ୟ ହୋଇଥାଏ। ଆତ୍ମଚରିତରେ ସ୍ଥାନିତ ଉକ୍ତ ବିଷୟଗୁଡ଼ିକ ବେଶ୍ ସମ୍ବେଦନଶୀଳ। ପ୍ରତ୍ୟେକ ମଣିଷର ଦୋଷତ୍ରୁଟି ଓ ଭଲଗୁଣ ଉଭୟ ଥାଏ। ତା'ସଂପର୍କରେ ଯେଉଁମାନେ ଆସନ୍ତି ସେମାନେ ତା'ର ଉଭୟ ଗୁଣକୁ ଅତି ନିକଟରୁ ଦେଖିଥାନ୍ତି, ଏବଂ ତାକୁ ନିଜ ଆତ୍ମଜୀବନୀରେ ସ୍ଥାନ ଦିଅନ୍ତି। ଗୋପବନ୍ଧୁଙ୍କ ପୁତ୍ରର ମୃତ୍ୟୁ ଏବଂ ନଈବଢ଼ିକୁ ନେଇ ଯେଉଁ ବିବାଦ ରହିଛି ନୀଳକଣ୍ଠ ଦାସ ତାକୁ ଆତ୍ମଜୀବନୀରେ ଏକ ପ୍ରଚାରିତ ଗଳ୍ପର ଆଖ୍ୟା ଦେଇଛନ୍ତି। ସେହିପରି ବାଜିରାଉତର ମୃତ୍ୟୁକୁ ନେଇ ମଧ୍ୟ ସୁରେନ୍ଦ୍ର ମହାନ୍ତି ଓ ସଚ୍ଚି ରାଉତରାୟଙ୍କ ମଧ୍ୟରେ ଥିବା ବିବାଦ ଆତ୍ମଜୀବନୀରେ ସ୍ଥାନ ପାଇଛି। ଏତଦ୍‌ବ୍ୟତୀତ ଗୋଦାବରୀଶ ମିଶ୍ର କୋଅପରେଟିଭ୍ ବ୍ୟାଙ୍କ୍‌ର ଟଙ୍କା ଆତ୍ମସାତ କରିବା ବିବାଦ, 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକଟି 'କେନ୍ଦ୍ରସାହିତ୍ୟ ଏକାଡ଼େମୀ' ପୁରସ୍କାର ପୃଷ୍ଠପଟ୍ଟରେ ଥିବା ବିବାଦ, ସତ୍ୟବାଦୀ ଶିକ୍ଷକଙ୍କ ସୃଷ୍ଟିରେ ନୀଳକଣ୍ଠଙ୍କ ଅବଦାନ ବିବାଦ, ବୈଷ୍ଣବ ପାଣିଙ୍କ କବିତ୍ୱ ବିବାଦ, ଉପେନ୍ଦ୍ରଭଂଜ ନାଟକରେ କାଳୀଚରଣଙ୍କ ସଂଗୀତ ବିବାଦ ଆଦି ଆତ୍ମଜୀବନୀରେ ସ୍ଥାନିତ ହୋଇଛି। ଦାମ୍ପତ୍ୟ ଜୀବନର ବିଫଳତା ପାଇଁ ନିତ୍ୟାନନ୍ଦ ଶତପଥୀ, ପ୍ରତିଭା ଶତପଥୀଙ୍କୁ ଦାୟୀ କରିବା, ଭଂଜକିଶୋର ପଟ୍ଟନାୟକଙ୍କ 'ହରଣଚାଳ' ନାଟକ ନାମକୁ କାଳୀଚରଣ ଚୋରି କରିବା, ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ଅଲଗା ହେବାରେ ହରେକୃଷ୍ଣ ମହତାବଙ୍କ ମୌନ ସମର୍ଥନ ରହିବା, ଦୀନବନ୍ଧୁ ଦାସ, କାଳୀଚରଣଙ୍କ ବିରୋଧରେ ବିଷୋଦ୍‌ଗାରଣ କରିବା ଆଦି ଆକ୍ଷେପ ଆତ୍ମଜୀବନୀର ପୃଷ୍ଠା ମଣ୍ଡନ କରିଛି।

ସାହିତ୍ୟ ନିରସ ହେଲେ ପାଠକକୁ ତାହା ଆକର୍ଷିତ କରେନାହିଁ। ପ୍ରତ୍ୟେକ ସୃଷ୍ଟିର ସାହିତ୍ୟିକ ଆବେଦନ ରହିବା ଆବଶ୍ୟକ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଆତ୍ମଚରିତରେ ଏହାର ମୂଲ୍ୟାଙ୍କନ ଏକ କଷ୍ଟକର କାର୍ଯ୍ୟ। ଆତ୍ମଚରିତ ବ୍ୟକ୍ତିକୈନ୍ଦ୍ରିକ ଓ ସତ୍ୟଘଟଣା ଉପରେ ଆଧାରିତ ହୋଇଥିବାରୁ ଏଥିରେ କଳ୍ପନାର ସ୍ଥାନ ନ୍ୟୁନ। ତଥାପି ବର୍ଣ୍ଣନାଭଙ୍ଗୀରେ ଚମତ୍କାରିତା, ନାଟକୀୟତା ଓ ରସଯୁକ୍ତ ଶୈଳୀର ପ୍ରୟୋଗ ଫଳରେ ଆତ୍ମଜୀବନୀ ପାଠକୀୟ ସ୍ୱୀକୃତି ଲାଭ କରିବାରେ ସକ୍ଷମ ହୁଏ। ସ୍ଥାନେ ସ୍ଥାନେ ଉପମା, ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଆଦିର ପ୍ରୟୋଗ ମଧ୍ୟ ଆତ୍ମଜୀବନୀରେ ଦେଖିବାକୁ ମିଳେ। ପ୍ରକାଶଭଂଗୀ ଓ ଶବ୍ଦ ସଂଯୋଜନା ଆତ୍ମଜୀବନୀକୁ ଗଳ୍ପ ଓ ଉପନ୍ୟାସ ପରି ସୁଖପାଠ୍ୟ କରାଏ। ବ୍ୟକ୍ତିଗତ ବିବରଣୀକୁ ନେଇ ଲିପିବଦ୍ଧ କରିଦେଲେ ତାହା ସାହିତ୍ୟ ପଦବାଚ୍ୟ ହୁଏନାହିଁ। 'ଉତ୍ତରକକ୍ଷ'ରେ ସଚ୍ଚି ରାଉତରାୟ କହନ୍ତି, "ବହୁ ଆତ୍ମଜୀବନୀ ବିବରଣୀର ସ୍ତର ଅତିକ୍ରମ କରିପାରନ୍ତି ନାହିଁ। ବୃତ୍ତାନ୍ତ ବା ବିବରଣୀ ସାହିତ୍ୟ ନୁହେଁ ତାହା ସାମ୍ବାଦିକତା ହୋଇପାରେ। ସାହିତ୍ୟର ମର୍ଯ୍ୟାଦା ପାଇବାକୁ ହେଲେ ଘଟଣାକୁ ସମୟ ସଂଗେ ସମୟାତୀତର ସ୍ପର୍ଶ କରିବାକୁ ପଡ଼ିବ। ଅନ୍ୟ କଥାରେ ଏହାକୁ କାଳୋତ୍ତୀର୍ଣ୍ଣ ହେବାକୁ ହେବ।"(ରାଉତରାୟ ସଚ୍ଚି, ଉତ୍ତରକକ୍ଷ, ପୃ. ୨୭) ଚିରାଚରିତ ଭାଷା ମଧ୍ୟ ପାଠକ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିପାରେ ନାହିଁ। ସଭିଏଁ ନୂତନତାକୁ ହିଁ ଆବାହନ କରନ୍ତି। ସେହିପରି ଲେଖକ ତା'ର ସ୍ୱତନ୍ତ୍ର ଶୈଳୀ ଦ୍ୱାରା ହିଁ ପରିଚିତ ହୁଏ। ସାହିତ୍ୟିକମାନଙ୍କ ଆତ୍ମଚରିତରେ ତାଙ୍କ ସୃଷ୍ଟିର ଶୈଳୀ ଆପେ ବାରି ହୋଇଯାଏ। ଗୋପୀନାଥ ମହାନ୍ତିଙ୍କ 'ସ୍ରୋତସ୍ୱତୀ'ରେ ସ୍ଥାନିତ ଗାଁର ପରିବେଶ ବର୍ଣ୍ଣନା ଶୈଳୀ ତାଙ୍କର କୌଣସି ଉପନ୍ୟାସ ପରି ମନେହୁଏ। ଶୁଖିଲା ପାଚିଲା ଦିନର ଋତୁ ବି

DOI: 10.70541/BAGEESHA/2025030305
VOL NO 03 ISSUE NO 03

ଆସେ, କିନ୍ତୁ ଶୀତଳ ଥାଏ ସବୁଦିନେ, ସେଠି ବି ଆସେ ସଞ୍ଜ ସକାଳ, ଶାନ୍ତ ଅପରାହ୍ଣ, ତପୋବନ ପରି ନାନା ଗଛଲତାପୂର୍ଣ୍ଣ ବସାଟିଏ, ନାନା ଫୁଲ ଫୁଟେ, ଜାତି ଜାତି ଚଢ଼େଇ ଆସନ୍ତି, ବୋବାନ୍ତି ଫାଟକ ବାହାରେ, ସାନ ଆମ୍ବ ତୋଟାଟିଏ, ଗଛ ଲମ୍ବିଥାଏ, ବାଁକୁ ଡାହାଣକୁ, ସଡ଼କ କରେ କରେ, ଢିପ ଉପରେ, ମୁଣ୍ଡିଆ ଉପରେ।" (ମହାନ୍ତି ଗୋପୀନାଥ, ସ୍ରୋତସ୍ୱତୀ, ଭାଗ-୩, ପୃ. ୨୮୮) ସେହିପରି ଫକୀରମୋହନ ସେନାପତି, ସଚ୍ଚି ରାଉତରାୟ, ସୁରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଦୀନନାଥ ପାଠୀ, କାଳୀଚରଣ ପଟ୍ଟନାୟକ, ଦୀନବନ୍ଧୁ ଦାସ(ଟିମା) ଆଦିଙ୍କ ଆତ୍ମଜୀବନୀରୁ ସାହିତ୍ୟିକ ଦିଗଟି ସ୍ପଷ୍ଟ ବାରି ହୋଇପଡ଼େ। ଆତ୍ମଚରିତରେ ସ୍ଥାନେସ୍ଥାନେ ହାସ୍ୟରସର ଅବତାରଣା ସାଙ୍ଗକୁ ଦେଶଜ ଶବ୍ଦ, ରୂଢ଼ି ତଥା ଲୋକବାଣୀର ପ୍ରୟୋଗ ଏହାର ମୂଲ୍ୟ ବୃଦ୍ଧି କରିବାରେ ସହାୟକ ହୋଇଛି।

**ଉପସଂହାର:** ଆତ୍ମଜୀବନୀଗୁଡ଼ିକ ଦୀର୍ଘ ଦେଢ଼ଶହ ବର୍ଷର ଓଡ଼ିଶାର ସାଂସ୍କୃତିକ, ସାମାଜିକ ଧାରାକୁ ଲୋକଲୋଚନକୁ ଆଣିବାରେ ସହାୟ ହୋଇଛି। ବ୍ୟକ୍ତିବିଶେଷକୁ ପ୍ରେରିତ କରିବା ସହିତ ଗୋଟିଏ ଜାତିକୁ ଅତି ନିକଟରୁ ଚିହ୍ନିବା ପାଇଁ ଏହାର ଉପଯୋଗିତା ରହିଚି। ଓଡିଆ ସାହିତ୍ୟରେ ଏଯାବତ୍ ଦେଢ଼ଶହରୁ ଊର୍ଦ୍ଧ୍ୱ ଆତ୍ମଜୀବନୀ ପ୍ରକାଶ ଲାଭ କରିସାରିଛି। ଏ ମଧ୍ୟରୁ ଅନେକ ପ୍ରାଣସ୍ପର୍ଶୀ ନୁହେଁ। ଯେଉଁ ଆତ୍ମଚରିତ ଗୁଡ଼ିକ ଜାତି, ସମାଜ, ଗଠନରେ କୌଣସି ଭୂମିକା ନେଇପାରେ ନାହିଁ; ଯାହା ମନକୁ ଆନ୍ଦୋଳିତ କରିପାରେ ନାହିଁ; ତାହା ଆତ୍ମଚରିତ ପଦବାଚ୍ୟ ହୁଏନାହିଁ। ସେଗୁଡ଼ିକ ବିଶେଷତଃ ଆତ୍ମପ୍ରଚାର,ଆତ୍ମପ୍ରସାର ଓ ଆତ୍ମପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିବାପରି ମନେହୁଏ। ଆତ୍ମଜୀବନୀ, ସାହିତ୍ୟର ଏପରି ଏକ ବିଭାଗ ଯାହାର ଅନେକ ଗବେଷଣାତ୍ମକ ଦିଗ ରହିଛି। ଗବେଷକମାନଙ୍କୁ ଏ ଦିଗରେ ଅଧିକରୁ ଅଧିକ ପ୍ରୟାସ କରିବା ଆବଶ୍ୟକ। ଓଡିଆ ସାହିତ୍ୟର ପ୍ରତ୍ୟେକ ଆତ୍ମଜୀବନୀ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ଆତ୍ମଚରିତ ସାହିତ୍ୟରେ ନାରୀ ଚରିତକାରଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ କମ୍। ଏ ଦିଗରେ ନିଶ୍ଚୟ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଆତ୍ମଚରିତ ଓଡିଆ ଜାତିର ଜୀବନବେଦ ଏହା ସର୍ବସମ୍ମତ।

## ସଙ୍କେତସୂଚୀ:


୧) ସାମଲ ଜ୍ୟୋତିରଞ୍ଜନ। ୨୦୦୩। ଓଡ଼ିଆ ଆତ୍ମଚରିତ: ଏକ ଅଧ୍ୟୟନ। ପ୍ରଥମ ପ୍ରକାଶ। କଟକ: ଆରୋହୀ ପବ୍ଲିସର୍ସ, କଟକ।

୨) ନାୟକ ଲାବଣ୍ୟ।୧୯୮୮। ଓଡିଆ ଚରିତ ସାହିତ୍ୟ। ପ୍ରଥମ ପ୍ରକାଶ। କଟକ: ଫ୍ରେଣ୍ଡସ୍ ପବ୍ଲିସର୍ସ, ବିନୋଦ ବିହାରୀ।

୩) ଦ୍ୱିବେଦୀ ସୁରେନ୍ଦ୍ରନାଥ। ୧୯୮୪। ମୋ ଜୀବନ ସଂଗ୍ରାମ। ପ୍ରଥମ ପ୍ରକାଶ। କଟକ: ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ।

୪) ଦାସ ମନ୍ମଥନାଥ। ୨୦୧୧। ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ। ଦ୍ୱିତୀୟ ପ୍ରକାଶ। କଟକ: ବିଦ୍ୟାପୁରୀ ବାଲୁବଜାର।

୫) ରାଉତରାୟ ସଚ୍ଚି। ୧୯୯୮। ଉତ୍ତରକକ୍ଷ ଭାଗ-୧। ପ୍ରଥମ ପ୍ରକାଶ। କଟକ: ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ।

୬) ମହାନ୍ତି ଗୋପୀନାଥ। ୨୦୦୨। ସ୍ରୋତସ୍ୱତୀ, ଭାଗ-୩। ଦ୍ୱିତୀୟ ପ୍ରକାଶ। କଟକ: ବିଦ୍ୟାପୁରୀ ବାଲୁବଜାର।

୭) ପଟ୍ଟନାୟକ ପଠାଣି। ୨୦୦୫। ଜୀବନୀ ସାହିତ୍ୟ: ଏକ ଅଧ୍ୟୟନ। ଦ୍ୱିତୀୟ ପ୍ରକାଶନ। ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ଓ ପ୍ରଣୟନ ସଂସ୍ଥା, ପୁସ୍ତକ ଭବନ।



### Funding

No funding was received for conducting this study.

### Does this Article screened for similarity?

Yes

### Conflict of interest

The Author has no conflicts of interest to declare that they are relevant to the content of this Article.


### About the licenses

© **Dr. Rabindra Kumara Panda 2025.** The text of this Article is open access and licensed under a Creative Commons Attribution 4.0 International license.

DOI: 10.70541/BAGEESHA/2025030305

VOL NO 03 ISSUE NO 03

**Cite this Article :**
Panda, Rabindra Kumara, "Odia Atmacharitara Diga Bidiga", Bageesha, Vol. No. 03, Issue No. 03, May-June 2025, Article No: BM2025/03-A005| Page- 32-38| DOI: https://doi.org/10.70541/BAGEESHA/2025030305